# ଜୁନ୍‌ରେ ୧୬% ଅଧିକ ବର୍ଷା

**ଭୁବନେଶ୍ବର,୨।୭(ଏନ୍‌ଏନ୍‌ଏସ୍:** ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟାରେ ପାରାଦୀପରେ ୫୩, କେନ୍ଦୁଝରରେ ୫୧, ଭବାନୀପାଟଣାରେ ୪୦, ନୟାଗଡ଼ରେ ୨୬ ଓ ସୁନ୍ଦରଗଡ଼ରେ ୧୮ ମିମି ବର୍ଷା ରେକର୍ଡ କରାଯାଇଛି । ମୌସୁମୀ ସକ୍ରିୟ ଥିବା ସହ ବର୍ତ୍ତମାନ ଉତ୍ତରପୂର୍ବ ବିହାରଠାରୁ ଉତ୍ତର ଉପକୂଳ ଓଡ଼ିଶା ଯାଏ ଏକ ଟ୍ରଫଲାଇନ୍ ପଡ଼ିଛି । ଏହାପ୍ରଭାବରେ ବର୍ଷା ହେଉଛି । ତେବେ ଜୁନ୍ ପହିଲାଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ୨୦୮.୩ ମିମି ବର୍ଷା ହେଲେ ଏହାକୁ ସ୍ବାଭାବିକ ବର୍ଷା ବୋଲି ଧରଯାଏ । ମାତ୍ର ଚଳିତ ବର୍ଷ ଏହି ସମୟ ମଧ୍ୟରେ ୨୪୧ ମିମି ବର୍ଷା ହୋଇଛି । ଯାହାକି ସ୍ବାଭାବିକଠାରୁ ୧୬ ପ୍ରତିଶତ ଅଧିକ ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚଆର ବିଶ୍ବାସ ସୂଚନା ଦେଇଛନ୍ତି ।

ସେହିପରି ଉପକୂଳ ଓଡ଼ିଶାର ୪-୫ ଜିଲ୍ଲାକୁ ଛାଡ଼ିଦେଲେ ବାକି ସବୁଆଡ଼େ ଭଲ ବର୍ଷା ହୋଇଛି । ଝାରସୁଗୁଡ଼ା, ନୂଆପଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାରେ ସ୍ବାଭାବିକଠାରୁ ୬୦ ପ୍ରତିଶତ ଅଧିକ ବର୍ଷା ହୋଇଛି । ସେହିପରି ଆଉ ୮ଟି ଜିଲ୍ଲାରେ ମଧ୍ୟ ସ୍ବାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି । ଏହା ବ୍ୟତୀତ ୧୩ ଟି ଜିଲ୍ଲାରେ ସ୍ବାଭାବିକ ବର୍ଷା ହୋଇଥିବାବେଳେ ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ସ୍ବାଭାବିକଠାରୁ ବର୍ଷା କମ୍ ହୋଇଛି । ତେବେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଜୁନ୍ ମାସରେ ବହୁତ ଭଲ ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗତ ବର୍ଷ ମୌସୁମୀ ଓଡ଼ିଶା ଛୁଇଁବା ପରେ ଉଭାନ ହୋଇଯାଇଥିଲା । ଅନେକ ଦିନ ପର୍ଯ୍ୟନ୍ତ ବର୍ଷା ନହେବା ଫଳରେ ଗତ ବର୍ଷ ଜୁନ୍ ମାସରେ ରାଜ୍ୟରେ ସ୍ବାଭାବିକଠାରୁ ୩୩ ପ୍ରତିଶତ କମ୍ ବର୍ଷା ହୋଇଥିଲା । ମାତ୍ର ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଭଲ ବର୍ଷା ହୋଇଥିବାରୁ ଚାଷକାମ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ଆହୁରି ୨-୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ବର୍ଷା ହେବା ସହିତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ସୁନ୍ଦରଗଡ଼, ବଲାଙ୍ଗିର, ବରଗଡ଼, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ପୁରୀ, ନବରଙ୍ଗପୁର ଓ କଳାହାଣ୍ଡିରେ ବର୍ଷାର ପରିମାଣ ଅଧିକ ରହିବ । ୩ ତାରିଖଠାରୁ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇବ । ଭୁବନେଶ୍ବର ଓ କଟକରେ ପାଗ ମେଘୁଆ ରହିବା ସହିତ ବେଳେ ବେଳେ ବର୍ଷା ହେବ । ସେହିପରି ବର୍ତ୍ତମାନ ବିଜୁଳି ଘଡ଼ଘଡ଼ି ଜାରି ରହିବାର ଆଶଙ୍କା ଥିବାରୁ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।